# Prime Minister participates in virtual summit of Quad leaders

March 03, 2022

# କ୍ୱାଡ୍ ନେତାମାନଙ୍କର ଭର୍ଚୁଆଲ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କଲେ ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି କ୍ୱାଡ୍ ନେତାମାନଙ୍କର ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି । ଏହି ଶିଖର ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ ଏବଂ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା ଯୋଗ ଦେଇଥିଲେ।

ଏହି ଶିଖର ସମ୍ମିଳନୀରେ ସେପ୍ଟେମ୍ବର ୨୦୨୧ରେ ଅନୁଷ୍ଠିତ କ୍ୱାଡ୍ ଶିଖର ସମ୍ମିଳନୀ ପରେ କ୍ୱାଡ ପ୍ରୟାସ ଦିଗରେ ହୋଇଥିବା ଅଗ୍ରଗତି ସମୀକ୍ଷା କରାଯାଇଥିଲା। ସମସ୍ତ ରାଷ୍ଟ୍ରମୁଖ୍ୟମାନେ ଚଳିତ ବର୍ଷ ଶେଷ ଭାଗରେ ଜାପାନରେ ହେବାକୁ ଥିବା ଶିଖର ସମ୍ମିଳନୀ ଆୟୋଜନ ପର୍ଯ୍ୟନ୍ତ ଦୃଢ଼ ପରିଣାମ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ସହଯୋଗ ବଢ଼ାଇବା ଉପରେ ସହମତି ବ୍ୟକ୍ତ କରିଥିଲେ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ଯେ, ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିକୁ ପ୍ରୋତ୍ସାହନ ଦେବାର ମୁଖ୍ୟ ଉଦ୍ଦେଶ୍ୟ ପ୍ରତି କ୍ୱାଡ୍ ଧ୍ୟାନ ଦେବା ଉଚିତ୍। ସେ ମାନବୀୟ ଏବଂ ବିପର୍ଯ୍ୟୟ ଉଦ୍ଧାର କାର୍ଯ୍ୟ, ଋଣ ସ୍ଥାୟିତ୍ୱ, ଯୋଗାଣ ଶୃଙ୍ଖଳା, ସ୍ୱଚ୍ଛ ଇନ୍ଧନ, ଯୋଗାଯୋଗ ଏବଂ କ୍ଷମତା ନିର୍ମାଣ ଭଳି କ୍ଷେତ୍ରରେ କ୍ୱାଡର ଆନ୍ତରିକ ସହଯୋଗ ପାଇଁ ଦୃଢ଼ ତଥା ବ୍ୟବହାରିକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଆହ୍ୱାନ କରିଥିଲେ।

ବୈଠକରେ ୟୁକ୍ରେନ ପରିସ୍ଥିତି ଉପରେ ମଧ୍ୟ ଆଲୋଚନା ହୋଇଥିଲା, ଯେଉଁଥିରେ ମାନବୀୟ ସଙ୍କଟ ବିଷୟ ସାମିଲ ରହିଥିଲା। ପ୍ରଧାନମନ୍ତ୍ରୀ ଆଲୋଚନା ଓ କୂଟନୈତିକ ମାର୍ଗକୁ ଫେରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ସମସ୍ତ ରାଷ୍ଟ୍ରମୁଖ୍ୟମାନେ ଅନ୍ୟ ପ୍ରମୁଖ ବିଷୟ ଉପରେ ମଧ୍ୟ ଆଲୋଚନା କରିଥିଲେ, ଯେଉଁଥିରେ ଦକ୍ଷିଣ-ପୂର୍ବ ଏସିଆ, ଭାରତ ମହାସାଗର କ୍ଷେତ୍ର ଏବଂ ପ୍ରଶାନ୍ତ ମହାସାଗର ଦ୍ୱୀପସମୂହର ପରିସ୍ଥିତି ସାମିଲ ରହିଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମିଳିତ ଜାତିସଂଘ ଚାର୍ଟର, ଅନ୍ତର୍ଜାତୀୟ ଆଇନ ଏବଂ ରାଷ୍ଟ୍ରମାନଙ୍କର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ଜଣାଇବାର ଆବଶ୍ୟକତାକୁ ଦୋହରାଇଥିଲେ ।

ସବୁ ରାଷ୍ଟ୍ରମୁଖ୍ୟମାନେ ଜାପାନରେ ହେବାକୁ ଥିବା ଆସନ୍ତା ଶିଖର ସମ୍ମିଳନୀ ପାଇଁ ମହତ୍ୱାକାଂକ୍ଷୀ ଏଜେଣ୍ଡା ଉପରେ କାମ କରିବା ଏବଂ ପରସ୍ପର ସହ ଯୋଗାଯୋଗରେ ରହିବା ନେଇ ସହମତି ବ୍ୟକ୍ତ କରିଥିଲେ ।

**ന്യൂ ഡെൽഹി**
**മാർച്ച് 03, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.